# ବାମ୍‌ସେଫ୍‌ର ରାଷ୍ଟ୍ରୀୟ ସମ୍ମିଳନୀକୁ ଭଣ୍ଡୁର ଉଦ୍ୟମ

## ଅନୁମତି ପ୍ରତ୍ୟାହାର କରିନେଲା ପ୍ରଶାସନ

### ବିରୋଧୀଦଳ ନେତା ନବୀନଙ୍କୁ ଭେଟିଲା ପ୍ରତିନିଧି ଦଳ

ଭୁବନେଶ୍ୱର,୨୩।୧୨(ସମିସ): ଦେଶର ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ କର୍ମଚାରୀମାନଙ୍କର ରାଷ୍ଟ୍ରୀୟ ସଂଗଠନ ବାମ୍‌ସେଫ୍‌ର ୪୨ତମ ରାଷ୍ଟ୍ରୀୟ ସମ୍ମିଳନୀ ଆସନ୍ତା ୨୬-୩୦ ଡିସେମ୍ବର ପର୍ଯ୍ୟନ୍ତ କଟକଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ନଭେମ୍ବର ୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପତ୍ର ମିଳିସାରିଥିଲା। ଏହାସହିତ ଆନୁଷଙ୍ଗିକ ଗ୍ରାଉଣ୍ଡ ରେଣ୍ଟ ଓ ଅନ୍ୟାନ୍ୟ ଦେୟ ମଧ୍ୟ ଦାଖଲ କରାଯାଇଥିଲା। ଲକ୍ଷେ ପ୍ରତିନିଧିଙ୍କ ଆଗମନକୁ ଆକଳନ କରି କଟକ ବାଲିଯାତ୍ରା ପଡିଆରେ ଟେଣ୍ଟ ଓ ଅନ୍ୟାନ୍ୟ ସରଞ୍ଜାମର ବ୍ୟବସ୍ଥା କରାଯାଇଛି। ଏ ବାବଦକୁ ପ୍ରାୟ



୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ସାରା ଦେଶରୁ ପ୍ରତିନିଧିମାନେ ଯୋଗଦେବାକୁ ଯାତାୟତ ଟିକଟ କରିସାରିଛନ୍ତି। ଏ ସମସ୍ତ ପ୍ରସ୍ତୁତି ସରିଥିଲା ବେଳେ ୨୨ ତାରିଖରେ ପୁଲିସ ଡିସିପିଙ୍କ କାର୍ଯ୍ୟାଳୟ ଅନୁମତି ପ୍ରତ୍ୟାହାର କରିନେଇଛି। ଏହାକୁ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିବା ବେଳେ ଡିସିପି ଅନ୍ୟାୟଭାବେ ନେଇଥିବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଦିନ ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ବିଭିନ୍ନ ଗଣତାନ୍ତ୍ରିକ ଆମ୍ବେଦକରବାଦୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ସଂଗଠନର ଏକ ପ୍ରତିନିଧି ଦଳ ବିରୋଧୀ ଦଳନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଥିଲେ। ଓଡ଼ିଶାର ଜନସଂଖ୍ୟାର ୯୪% ସ୍ୱାର୍ଥ କଥା କହୁଥିବା ସଂଗଠନର କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସଂଗଠନ ପକ୍ଷରୁ ନବୀନଙ୍କୁ ଅନୁରୋଧ କରାଯାଇଥିଲା। ଶ୍ରୀ ପଟ୍ଟନାୟକ ଏହାର ଗୁରୁତ୍ୱ ବୁଝି ରାଜ୍ୟର ଶୀର୍ଷ ପ୍ରଶାସନ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସହ କଥା ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ସଂଗ୍ରାମ ମଲ୍ଲିକ, ବାଗେଶ୍ୱର ପ୍ରଧାନ, ଅନିଲ ମଲ୍ଲିକ, ଲିଟୁ ଦାସ, ଚିଦାନନ୍ଦ ଜେନା ପ୍ରମୁଖ ନବୀନଙ୍କୁ ଭେଟିଥିଲେ। ଯଦି ଏହି ଅନୁମତି ଦିଆନଯାଏ ତେବେ ବିଭିନ୍ନ ସଂଗଠନ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ରିଜ୍‌ରେ ଧକ୍କା ହେଲା ବାଇକ୍: ଦୁଇ ମୃତ

ଦେଓଗାଁ, ୨୩।୧୨ (ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଅଧୀନ ଦେଓଗାଁ ବ୍ଲକ୍‌ର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ପୁରଣାପାଣିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ପୁରଣାପାଣି ବ୍ରିଜ୍ ବାଡ଼ାରେ ଏକ ବାଇକ୍ ପିଟି ହୋଇଯିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁଇଁନ୍ତଳା ଥାନା ଅଇଁଲାଶାରୀ ଗ୍ରାମର ନିରାକାର ଖୁଣ୍ଟିଲି (୩୦) ଓ ବଲାଙ୍ଗିର ସଦର ଥାନା ବରପଦର ଗ୍ରାମ ଗୌରାଙ୍ଗ ପୋଢ଼(୨୭)। ଉଭୟ ଏକ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ତୁଷୁରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ତୁଷୁରା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

**ମହାପ୍ରଭୁଙ୍କ ମହାସ୍ନାନ ଓ ମନ୍ଦିର ଶୋଧନ ପରେ ନୀତିକାନ୍ତି ଆରମ୍ଭ**

କେନ୍ଦ୍ରାପଡ଼ା, ୨୩।୧୨(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ମଙ୍ଗଳବାର ସକାଳେ ଅଣହିନ୍ଦୁ ପ୍ରବେଶ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ଅଣହିନ୍ଦୁ ପ୍ରବେଶ ଉପରେ କଟକଣା ରହିଥିବା ବେଳେ ଏହି ଘଟଣା ମନ୍ଦିର ପରମ୍ପରା ଓ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ନେଇ ସେବାୟତ ଓ ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ତେବେ ମହାପ୍ରଭୁଙ୍କ ମହାସ୍ନାନ ଓ ମନ୍ଦିର ଶୋଧନ ହେବା ପରେ ନୀତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୯ଟାରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ସହ ଜଡ଼ିତ ପ୍ରାୟ ୪୦ଜଣ ବ୍ୟକ୍ତି ଦର୍ଶନ ନିମନ୍ତେ ବଳଦେବଜୀଉ ମନ୍ଦିରକୁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ସେବାୟତ ଓ ଜନସାଧାରଣରଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ପଚରାଉଚରା କରିଥିଲେ। ପରେ ଉକ୍ତ ଗୋଷ୍ଠୀରୁ ଜଣେ ପୁରୁଷ ଓ ଜଣେ ମହିଳା ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ଦୁହେଁ ଦୀର୍ଘବର୍ଷ ଧରି ଉକ୍ତ ସଂସ୍ଥା ସହ ଜଡ଼ିତ ଥିବା ଜଣାଯାଇଛି। ଖବର ପାଇ ପୁଲିସ ପ୍ରଶାସନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସମ୍ପୃକ୍ତ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଅପରପକ୍ଷେ, ଅଣହିନ୍ଦୁ ପ୍ରବେଶ ଯୋଗୁଁ ମନ୍ଦିର ପରମ୍ପରା ଅନୁଯାୟୀ ପ୍ରଭୁ ବଳଦେବଜୀଉଙ୍କ ମହାସ୍ନାନ କରାଯାଇଥିଲା। ପରେ ପୂଜାପଣ୍ଡା ଓ ରାଜପୁରୋହିତଙ୍କ ଦ୍ୱାରା ମନ୍ଦିରଶୋଧନ କାର୍ଯ୍ୟ ସଂପନ୍ନ କରାଯାଇ ନୀତିକାନ୍ତି ପୁନର୍ବାର ଆରମ୍ଭ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଭବିଷ୍ୟତରେ ଏପରି ଘଟଣା ନଘଟିବା ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ କଠୋର ବ୍ୟବସ୍ଥା ନେବାକୁ ଦାବି ଉଠିଛି।

# ୧୪ କୋଟି ଠକେଇ; ଡିଜେ ମାଲିକ ଗିରଫ



ଭଦ୍ରକ, ୨୩।୧୨ (ସମିସ): ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଭଦ୍ରକର ଭଦ୍ରାଣି ଡିଜେ ମାଲିକ ରାମ ନାରାୟଣ ବଳ ଗିରଫ ହୋଇଛନ୍ତି। ରାମନାରାୟଣ ପୂର୍ବରୁ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟି ସଂସ୍ଥାରେ ସେଲ୍ସ ମ୍ୟାନେଜର୍ ଭାବେ କାମ କରୁଥିବା ବେଳେ ତାଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିଥିଲା। ପାଖାପାଖି ୯ ଜଣ ଗ୍ରାହକଙ୍କଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ରାମ ନାରାୟଣ ନକଲି କାଗଜପତ୍ର ଜରିଆରେ କୋଟି କୋଟି ଟଙ୍କା ହେର୍‌ଫେର୍ କରିଥିଲେ। ଏପରିକି ଏସ୍‌ବିଆଇ ଡିଜିଏମ୍‌ଙ୍କ ଦସ୍ତଖତ ନକଲ କରି ସାଧାରଣ ଲୋକଙ୍କ ନାମରେ ଠକେଇ କରିଥିବା ଜଣାପଡ଼ିଥିଲା। ଏନେଇ ଗତ ୨୦ତାରିଖରେ ଅଭିଯୋଗ ହେବା ପରେ ଭଦ୍ରକ ସାଳନ୍ଦୀ ବାଇପାସ୍ ନୀଳାଦ୍ରି ବିହାରସ୍ଥିତ ରାମ ନାରାୟଣଙ୍କ ଘର, ଭଦ୍ରାଣି ଡିଜେ, ଫଟୋଗ୍ରାଫିକ୍ସ, ଭଦ୍ରାଣି ମୋବାଇଲ ଶୋ' ରୁମ୍ ସମେତ ଏରଡ଼ାସ୍ଥିତ ପୈତୃକ ଘର ଓ ତାଙ୍କ ରମ୍ଭିଳା ଫାର୍ମ ହାଉସରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲୁର ୩ଟି ଟିମ୍ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୧୦ଟି ଦାମୀ ଗାଡ଼ି, ଏକାଧିକ ଡିଜେ ଗାଡ଼ି, ୧୪୪ ଦାମୀ ମୋବାଇଲ୍ ଜବତ କରାଯାଇଛି। ସମସ୍ତ ପ୍ରମାଣ ପାଇବା ପରେ ଇଓଡବ୍ଲୁ ରାମ ନାରାୟଣଙ୍କୁ ଗିରଫ କରିଛି। ତଦନ୍ତ ବେଳେ ତାଙ୍କ ନାମରେ ତାଳଚେର, ଭଦ୍ରକ ଓ ବୈଶିଙ୍ଗା ଥାନାରେ ୪ଟି ଅପରାଧିକ ମାମଲା ଥିବା ଜଣାପଡ଼ିଛି।

# ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍ଥାନ ପାଇଁ କର୍ମଶାଳା

ଭୁବନେଶ୍ୱର, ୨୩।୧୨(ସମିସ): କଂସା-ପିତ୍ତଳ ଓ ଢୋକ୍ରା ହସ୍ତଶିଳ୍ପରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ହେବ। ହସ୍ତଶିଳ୍ପର କୁଶଳତା ସହ ବିଜ୍ଞାନ-ପ୍ରଯୁକ୍ତିବିଦ୍ୟା ସଂଯୋଗ ହେଲେ ସାମଗ୍ରୀର ଗୁଣବତ୍ତା ବଢ଼ିବା ସହ କମ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ। ସ୍ଥାନୀୟ ସିଏସଆଇଆର-ଆଇଏମଏମଟିଠାରେ ଓଡ଼ିଶାର ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍ଥାନ ପାଇଁ ଆୟୋଜିତ କର୍ମଶାଳା ଓ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି ହସ୍ତଶିଳ୍ପ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହା କହିଛନ୍ତି। ମନ୍ତ୍ରୀ କହିଥିଲେ, କମ୍ ପ୍ରଦୂଷଣ, କମ୍ ଖର୍ଚ୍ଚ, କମ ସମୟ, କମ୍ ପରିଶ୍ରମରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଆମେ ଉତ୍କୃଷ୍ଟମାନର ସାମଗ୍ରୀ ଉତ୍ପାଦନ କରିପାରିବା। ଫଳରେ ଅଧିକ ପରିମାଣରେ କଂସା-ପିତ୍ତଳ ଓ ଢୋକ୍ରା ହସ୍ତଶିଳ୍ପ ବିକ୍ରି ହେବ ଓ କାରିଗରଙ୍କ ଜୀବନ-ଜୀବିକା ଆର୍ଥିକ ଭାବେ ଅଧିକ ସମୃଦ୍ଧ ହୋଇପାରିବ। କାର୍ଯ୍ୟକ୍ରମରେ ଯୋଗଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କାରିଗରଙ୍କ ପାରମ୍ପରିକ ଦକ୍ଷତା ସହ ବିଜ୍ଞାନର ସଂଯୋଗ ଘଟିଲେ ଅଧିକ ଉତ୍କୃଷ୍ଟ ସାମଗ୍ରୀ ଉତ୍ପାଦନ ହୋଇପାରିବ ବୋଲି କହିଥିଲେ। ଓଡ଼ିଶାର ୧୩ଟି ଜିଲ୍ଲାରୁ ୨୫୦ରୁ ଅଧିକ କଂସା-ପିତଳ ଓ ଢୋକ୍ରା ହସ୍ତଶିଳ୍ପୀ ଯୋଗ ଦେଇଥିଲେ।

**କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା**

# ୯ ଜଣଙ୍କ ନାଁରେ ଯିବ ନୋଟିସ୍

**ମର୍କତନଗର ଥାନାରେ ହେବ ଜେରା**

କଟକ, ୨୩।୧୨(ସମିସ)

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅସ୍ୱାଭାବିକ ମୃତ୍ୟୁ ବିବାଦକୁ ନେଇ ମର୍କତନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୧ ତାରିଖରେ ତାଙ୍କ ମା' ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ପୁଲିସ ୯ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ୨ଦିନ ମଧ୍ୟରେ ସମସ୍ତଙ୍କୁ ନୋଟିସ୍ ଦିଆଯିବ ଏବଂ ଏହା ପରେ ଜେରା ଆରମ୍ଭ ହେବ। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆଇନର ପ୍ରକ୍ରିୟା ଅନୁଯାୟୀ ଏତଲା ହୋଇଥିବା ବ୍ୟକ୍ତି ବିଶେଷ ମାନଙ୍କର ସାକ୍ଷ୍ୟପ୍ରମାଣ ଗ୍ରହଣ କରାଯିବ। ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଏହି ମାମଲାର ତଦନ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କେନ୍ଦ୍ରିତ ହୋଇଛି। ପ୍ରଥମ ଦିଗଟି ହେଉଛି ମାନସିକ ନିର୍ଯାତନା। ଏଥିପାଇଁ ପୁଲିସ ମୁଖ୍ୟତଃ ହ୍ୟୁମାନଙ୍କ ମୋବାଇଲ୍ ସିଡିଆର୍ ଏବଂ ହ୍ୱାଟସ୍‌ଆପ୍ ଚାଟ୍ ଯାଞ୍ଚ କରିବା ସହ ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସବୁ ଅଭିଯୋଗ ହୋଇଛି ସେମାନଙ୍କ ବୟାନ ରେକର୍ଡ କରିବ। ଦ୍ୱିତୀୟ ଦିଗଟି ଟଙ୍କା ପଇସା ହଡ଼ପ ବା ଆର୍ଥିକ ହେରଫେର। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ପୁଲିସ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମରେ ହୋଇଥିବା ନୂଆ ଦିଗ ଖୋଜିବ। ତୃତୀୟ ଦିଗଟି ହେଉଛି ବିଷକ୍ରିୟା



ସନ୍ଦେହ, ଯାହାର ତଦନ୍ତ କରିବା ପୁଲିସ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ଏମ୍ସରେ ହ୍ୟୁମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇନଥିଲା ଏବଂ ମରଶରୀରକୁ କବର ଦିଆସରିଛି। ଏବେ ଏହା ତଦନ୍ତରେ ସମସ୍ୟା ସୃଷ୍ଟି କରିପାରେ ବୋଲି ପୁଲିସ ଅନୁମାନ କରୁଛି।

ପୁଲିସ ସୂଚନା ଅନୁସାରେ, ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତାଙ୍କ ସମେତ ଡାକ୍ତର ସୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଙ୍ଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଆବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା' ଶେଫାଳୀ ନିବେଦନ କରିଥିଲେ। ଏବେ ପୁଲିସ ଏହାକୁ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଜାରି ରଖିଛି।

# ବଦଳିଲେ ଉପମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି

ଭୁବନେଶ୍ୱର,୨୩।୧୨(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଓଏସ୍‌ଡି ଥିବା ଓଏଏସ୍ ଅଧିକାରୀ ମନୋଜ କୁମାର ବେହେରାଙ୍କ ବଦଳି ହୋଇଛି। ଶ୍ରୀ ବେହେରାଙ୍କୁ ଯାଜପୁର ସ୍ଥିତ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ୍ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଡେଲାଙ୍ଗ ବିଡିଓ ଭାବେ କାର୍ଯ୍ୟରତ କ୍ଷିତୀଶ ବେହେରାଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଓଏସ୍‌ଡି ଭାବେ ନୂତନ ନିଯୁକ୍ତି ମିଳିଛି। ଏହାପୂର୍ବରୁ ଗତ ୨୪ ଜୁଲାଇରେ କ୍ଷୀତିଶ ବେହେରାଙ୍କୁ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ୍ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଥିଲା। ଏହି ବଦଳି ନିର୍ଦ୍ଦେଶନାମାକୁ ବାତିଲ କରି ଦିଆଯାଇଛି। ଅନ୍ୟପଟେ ପ୍ରଭାତୀଙ୍କ ଅଧିନରେ କାର୍ଯ୍ୟ କରୁଥିବା ଆଉ ଜଣେ ଅଧିକାରୀଙ୍କ ବଦଳି ପରେ ଭିନ୍ନ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ୧୮ ମାସ ମଧ୍ୟରେ ପ୍ରଭାତୀଙ୍କର ୨ ଜଣ ବ୍ୟକ୍ତିଗତ ସଚିବଙ୍କର ବଦଳି ହୋଇସାରିଛି। ପ୍ରଥମେ ବିଶ୍ୱରଂଜନ ରଥ, ପରେ କାହ୍ନୁ ଚରଣ ଧୀର ତାଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରି ବଦଳି ହୋଇଛନ୍ତି। ଏହାପରେ ଏବେ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀଙ୍କୁ ବଦଳି କରାଯାଇଛି।

## ଜନଜାତି ଉପଦେଷ୍ଟା ପରିଷଦ ବୈଠକ

# ଓଡ଼ିଆ ଓ ଇଂରାଜୀରେ ଲେଖାଯିବ ଆଦିବାସୀଙ୍କର ରେକର୍ଡ ଅଫ୍ ରାଇଟ୍‌ସ

- ପେସା ଅଧିନିୟମର ଓଡ଼ିଶାଭିତ୍ତିକ ନିୟମାବଳୀର ହେବ ସଠିକ ଅନୁଧ୍ୟାନ
- ଆଦିବାସୀ ଗ୍ରାମର ପୂଜକ ମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୩।୧୨(ସମିସ): ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଜନଜାତି ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ତଃବିଭାଗୀୟ କମିଟି ମାଧ୍ୟମରେ ପେସା ଅଧିନିୟମର ଓଡ଼ିଶାଭିତ୍ତିକ ନିୟମାବଳୀକୁ ସଠିକ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକକୁ ସୁପାରିଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଏସଟି ସମ୍ପ୍ରଦାୟରେ ଅଧିକ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ଅନୁସୂଚିତ ଜନଜାତି ଓ ଜାତି ଗବେଷଣା ଓ ତାଲିମ ଅନୁଷ୍ଠାନକୁ ସଠିକ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦକୁ ସୁପାରିଶ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମପାଇଁ ଜନଜାତି ସମ୍ପ୍ରଦାୟ କେବଳ ଯୋଜନାର ହିତାଧିକାରୀ ନୁହଁନ୍ତି; ସେମାନେ ଆମ ପ୍ରଗତିରେ ସହଭାଗୀ ମଧ୍ୟ। ଆଦିବାସୀମାନଙ୍କ ଜୀବନଜୀବିକା, ଅର୍ଥନୈତିକ ବିକାଶ ସହିତ ସେମାନଙ୍କ ଧାର୍ମିକ ଭାବନା ପ୍ରତି ମଧ୍ୟ ଆମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଗ୍ରାମର ପୂଜକ ମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିବା ଓ ସେମାନଙ୍କ ପୂଜାସ୍ଥଳୀ ଗୁଡିକର ବିକାଶ ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରିଷଦକୁ ପ୍ରସ୍ତାବ ଦେଇଛନ୍ତି। ଏସଟି ତାଲିକାରେ ରେକର୍ଡ ଅଫ୍ ରାଇଟ୍ସ ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖା ଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାସହ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଆସିଥିବା ପ୍ରସ୍ତାବ ଗୁଡିକୁ ମଧ୍ୟ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଆଲୋଚନା କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସହିତ କମିଟିର ସଦସ୍ୟ ଓ ବିଧାୟକ ବୃନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ତଥା ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଆନ୍ତଃମନ୍ତ୍ରିସ୍ତରୀୟ କମିଟିର ଖରିଫ ଧାନ ସଂଗ୍ରହ ସମୀକ୍ଷା**

# ରାଜ୍ୟର ୧୧ ଜିଲ୍ଲାରେ ଚାଲିଛି ଧାନ ସଂଗ୍ରହ

ଭୁବନେଶ୍ୱର,୨୩।୧୨(ସମିସ): ଚାଷୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବା ଓ ସେମାନଙ୍କ ସମସ୍ୟାର ଦ୍ରୁତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ନିୟୋଜିତ ବିଭାଗୀୟ ଅଧିକାରୀଙ୍କୁ ମଣ୍ଡି ଗୁଡ଼ିକୁ ନିୟମିତ ଭାବରେ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଖରିଫ ୨୦୨୫-୨୬ ଧାନ ସଂଗ୍ରହର ସମୀକ୍ଷା କରାଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ମଣ୍ଡି କାର୍ଯ୍ୟକାରୀ ହୋଇ ସାରିଛି। ରାଜ୍ୟର ସମସ୍ତ ମଣ୍ଡିରେ ସିସି କ୍ୟାମେରା ଲାଗିସାରିଛି ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ମନିଟରିଂ କରାଯାଉଛି। ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ବ ଅପେକ୍ଷା ଚଳିତ ବର୍ଷ ଅଧିକ ସଂଖ୍ୟକ ମଣ୍ଡିର ଭିତ୍ତିଭୂମି ସୁଦୃଢ କରାଯାଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ମାନକ ଅନୁଯାୟୀ ମଡେଲ୍ ମଣ୍ଡି ତିଆରି କରାଯାଇଛି। ଆଜି ସୁଦ୍ଧା ରାଜ୍ୟରେ ୯୭, ୯୭୨ ଜଣ ଚାଷୀଙ୍କ ଠାରୁ ୪,୩୯,୨୯୪ ଟନ୍ ଧାନ ସଂଗ୍ରହ ହୋଇସାରିଛି। ବରଗଡ଼ ଜିଲ୍ଲାରେ ସର୍ବାଧିକ ୩୬୩୫୬ ଜଣ ଚାଷୀ ୧, ୬୩, ୨୮ ଟନ୍ ଧାନ ମଣ୍ଡିରେ ଦେଇଛନ୍ତି ଏବଂ ଆଜି ସୁଦ୍ଧା ରାଜ୍ୟରେ ମୋଟ୍ ୯, ୪୧, ୪୩୩ ଜଣ ଚାଷୀଙ୍କୁ ଟୋକେନ୍ ଯୋଗାଇ ଦିଆଯାଇଛି। ଅନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ନିର୍ଦ୍ଧାରିତ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ବୈଠକରେ କୁହାଯାଇଛି। ବୈଠକରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ବିଭାଗୀୟ ପ୍ରମୁଖ ଶାସନ ସଚିବମାନେ ଯୋଗ ଦେଇଥିଲେ।

# ଏସ୍‌ଓଜିରେ ଆନ୍ତଃ ବାଟାଲିୟନ୍ କମାଣ୍ଡୋ ପ୍ରତିଯୋଗିତା



ଭୁବନେଶ୍ୱର, ୨୩।୧୨ (ସମିସ): ଚନ୍ଦକାସ୍ଥିତ ସ୍ପେଶାଲ ଅପରେସନ୍ ଗ୍ରୁପ (ଏସଓଜି) ଠାରେ ୮ମ ରାଜ୍ୟ ପୁଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଯୁଦ୍ଧ କୌଶଳ, ଶାରୀରିକ ସାମର୍ଥ୍ୟ, ରଣନୀତି କୌଶଳ ଓ ମାନସିକ ସହନଶୀଳତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ଆସୁଥିବା ଭିନ୍ନଭିନ୍ନ ଆହ୍ୱାନକୁ ଦୃଷ୍ଟିରେ ରଖି କମାଣ୍ଡୋମାନେ ସବୁବେଳେ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ନିତାନ୍ତ ଆବଶ୍ୟକ। ଏହାସହ ନୂତନ ପ୍ରଯୁକ୍ତି, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ରଣନୀତି କୌଶଳ ସହ ନିଜକୁ ଅପଡେଟ୍ ରଖିବାର ମଧ୍ୟ ଆବଶ୍ୟକତା ରହିଛି। ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ବିଭିନ୍ନ ସଶସ୍ତ୍ର ବାଟାଲିୟନ୍‌ର ୧୭ଟି ଟିମ୍‌ର ୪୦୨ଜଣ କମାଣ୍ଡୋ ଅଂଶଗ୍ରହଣ କରି ଅବସ୍ଟାକଲ୍ କୋର୍ସ, ୫ କେଜି ଓଜନର ବ୍ୟାକପ୍ୟାକ୍ ପିନ୍ଧି କନଫିଡେନ୍ସ କୋର୍ସରେ ୧.୩ କିଲୋମିଟର ଦୌଡ଼, ୫ କେଜି ଓଜନର ବ୍ୟାକପ୍ୟାକ୍ ସହ କ୍ରସ୍‌କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଭଳି ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ସ୍ପେସାଲବ୍ରାଞ୍ଚ ଏସ୍‌ପି ରାଜପ୍ରସାଦ, ଡେପୁଟି କମାଣ୍ଡାଣ୍ଟ ପାୟଲ ଦୟାଲ ବା ଓ କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଫୋରକ ମିଶା ଖାଦ୍ୟ ଖାଇ କ୍ଷତାକ୍ତ ହାତୀ ମୃତ

# ଲୁଚାଛପାରେ ଅନ୍ତିମ ସତ୍କାର

ବାରିପଦା, ୨୩।୧୨(ସମିସ): ବିସ୍ଫୋରକ ମିଶା ଖାଦ୍ୟ ଖାଇ ଗୁରୁତର ୭/୮ ବର୍ଷର ଚିକିତ୍ସାଧୀନ ମାଈ ହାତୀ ଶେଷରେ ଆଖି ବୁଜୁଛି। ୯ଦିନ ଧରି ଡାକ୍ତରୀ ଦଳ ଅକ୍ଲାନ୍ତ ପରିଶ୍ରମ କରିବା ପରେ ମଧ୍ୟ ହାତୀଟିକୁ ବଞ୍ଚାଇବାରେ ବିଫଳ ହୋଇଛନ୍ତି। ୪ ଦିନ ତଳେ ଅର୍ଥାତ୍ ୨୦ ତାରିଖରେ ହାତୀଟିର ମୃତ୍ୟୁ ହୋଇଛି। ଅତ୍ୟଧିକ ସଂକ୍ରମଣ ଓ ଜିଭ ୮୦ ପ୍ରତିଶତ ଛିଡ଼ି ଯାଇଥିବାରୁ ଖାଦ୍ୟ ଖାଇ ନପାରି ତା'ର ଜୀବନ ଯାଇଥିବା ଜଣାଯାଇଛି। କିନ୍ତୁ ଏହାକୁ ଲୁଚାଇବା ପାଇଁ ବନବିଭାଗ ଜୋରସୋର୍‌ରେ ଉଦ୍ୟମ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ହାତୀ ମୃତ୍ୟୁ ଖବର ଯେପରି ଲୋକଲୋଚନକୁ ନ ଆସିବ, ସେଥିପାଇଁ ଗଣମାଧ୍ୟମକୁ ନ ଜଣାଇ ଲୁଚାଛପାରେ ଅତି ତରବରିଆ ଭାବେ ତା'ର ଅନ୍ତିମ ସଂସ୍କାର କରିଦିଆଯାଇଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ହାତୀର ଏଭଳି ଅବସ୍ଥା କିପରି ହେଲା, କିଏ ଦାୟୀ, ବିଭାଗ ପକ୍ଷରୁ ତାହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, ହାତୀ ମୃତ୍ୟୁର କାରଣ ଖୋଜିବା ପାଇଁ ଗୁଇନ୍ଦା ଟିମ୍ ନିୟୋଜିତ ହୋଇଛନ୍ତି। ସେମାନଙ୍କ ରିପୋର୍ଟ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଛାତ୍ରବୃତ୍ତି ଦାବି**

# ଓୟୁଏଟି ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ ଜାରି

ଭୁବନେଶ୍ୱର, ୨୩।୧୨(ସମିସ): ଛାତ୍ରବୃତ୍ତି ଦାବିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଛାତ୍ରଛାତ୍ରୀଙ୍କ ଅହୋରାତ୍ର ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଖୋଲା ଆକାଶ ତଳେ ଶୀତ କାକରରେ ଶୋଇ ଛାତ୍ରବୃତ୍ତି ପରିସୀମା ବଢ଼ାଇବାକୁ ଦାବି କରୁଛନ୍ତି। କିଛି ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଛି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆନ୍ଦୋଳନ ଛାତ୍ରଛାତ୍ରୀଙ୍କୁ ବୁଝାଇବାରେ ଅକ୍ଷମ ହୋଇଛନ୍ତି। କୁଳପତି ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ସେମାନେ ଦାବି କରୁଥିଲେ ମଧ୍ୟ କୁଳପତି ଆନ୍ଦୋଳନସ୍ଥଳକୁ ଆସି ପିଲାଙ୍କ ସହ ଆଲୋଚନା କରୁ ନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୃଷି ଓ ଗବେଷଣାର ବିକାଶ ପାଇଁ ଅଧ୍ୟୟନ ଛାତ୍ରଛାତ୍ରୀଙ୍କୁ ତେଲେଙ୍ଗାନା, ତାମିଲ୍‌ନାଡୁ, ଆସାମ, ବିହାର, ଆନ୍ଧ୍ରପ୍ରଦେଶ ସମେତ ବହୁ ରାଜ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଥିବାବେଳେ ଓଡ଼ିଶାରେ ମାତ୍ର ୩ ଜଣ ପିଲାଙ୍କୁ ୧୫ଶହରୁ ୨ ହଜାର ଟଙ୍କା ଲେଖାଏଁ ବୃତ୍ତିରାଶି ମିଳୁଛି। ଏଣୁ ଓୟୁଏଟିରେ ପଢୁଥିବା ଓଡ଼ିଶାର ସମସ୍ତ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବା ଦାବିରେ ଛାତ୍ରଛାତ୍ରୀମାନେ ଅହୋରାତ୍ର ଆମରଣ ଅନଶନ ଜାରି ରଖିଛନ୍ତି।



